## ସଂକ୍ଷେପରେ

### ଝୁଣ୍ଟି ପଡ଼ି ମହିଳା ମୃତ

**ଖମାର,୧୧।୫:** ପାଲଲହଡ଼ା ବ୍ଲକ ଖମାର ଥାନା ଶଙ୍ଖମୁର ଗ୍ରାମରେ ଜଣେ ମହିଳାଙ୍କ ରାସ୍ତାରେ ଝୁଣ୍ଟି ପଡ଼ି ମୃତ୍ୟୁ ହୋଇଛି। ଖବରପାଇ ଖମାର ଥାନା ଅଧିକାରୀ ନିରୋଦ କୁମାର ଦାସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଦେଇଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଉପାସୀ ଗୋଛାୟତ (୪୫) କୁଲା, ଟୋକେଇ ନେଇ ଗାଁ ଭିତରକୁ ବିକ୍ରି କରିବାକୁ ଯାଇଥିଲେ। ଫେରୁଥିବା ବେଳେ ରାସ୍ତାରେ ଝୁଣ୍ଟି ତଳେ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ରିପୋଟ ଆସିବା ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଖମାର ଥାନା ଅଧିକାରୀ ନିରୋଦ କୁମାର ଦାସ ପ୍ରକାଶ କରିଛନ୍ତି।

### ୨ ସଂକ୍ରମିତଙ୍କ ମୃତ୍ୟୁ

**ବଇଣ୍ଡା,୧୧।୫(ଡି.ଏନ.ଏ.):** କିଶୋରନଗର ବ୍ଲକରେ କରୋନା ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସୋମବାର ଓ ମଙ୍ଗଳବାର ହଣ୍ଡପା ପଞ୍ଚାୟତର ୨ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ସୋମବାର ହଣ୍ଡପା ପଞ୍ଚାୟତର ବୈଲୋଚନ ଦେହୁରୀଙ୍କ ଅନୁଗୋଳସ୍ଥିତ ଏକ ଘରୋଇ ମେଡିକାଲରେ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ହଣ୍ଡପା ମେଡିକାଲର କର୍ମଚାରୀ ରମାକାନ୍ତ ରାଉତଙ୍କ କଟକ ମେଡିକାଲରେ ମୃତ୍ୟୁ ହୋଇଛି। ଉଭୟ କିଛି ଦିନ ତଳେ କରୋନାରେ ଆକ୍ରାନ୍ତ ହୋଇଥିଲେ ବୋଲି କିଶୋରନଗର ବିଡିଓ ଶ୍ୟାମଳ କୁମାର ରାଏ ସୂଚନା ଦେଇଛନ୍ତି।

### ପର୍ଯ୍ୟାପ୍ତ ଅକ୍ସିଜେନ, ଆମ୍ବୁଲାନ୍ସ ଦାବି

**ତାଳଚେର,୧୧।୫(ନି.ପ୍ର.):** ଅନୁଗୋଳ ଜିଲାର ସମସ୍ତ ବ୍ଲକ, ପୌରାଞ୍ଚଳ ଏବଂ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ୍ ଓ ଅକ୍ସିଜେନ୍‌ଯୁକ୍ତ ଆମ୍ବୁଲାନ୍ସ ରଖିବା ପାଇଁ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସାମଲ କହିଛନ୍ତି, ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଅକ୍ସିଜେନ ଅଭାବ, କୋଭିଡ୍ ଡାକ୍ତରଖାନାରେ ଅବ୍ୟବସ୍ଥା ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତତ୍ପର ହୋଇ କାର୍ଯ୍ୟ କରିବାକୁ ସାମଲ ଦାବି କରିଛନ୍ତି। ସେହିପରି ଜିଲାର ସମସ୍ତ ବ୍ଲକ, ପୌରାଞ୍ଚଳରେ ଅକ୍ସିଜେନଯୁକ୍ତ ଆମ୍ବୁଲାନ୍ସ ଗାଡ଼ି ରଖିବା ଏବଂ ବ୍ୟାପକ ଭାବେ କୋଭିଡ୍ ଟେଷ୍ଟ କରିବା ପାଇଁ ସେ ଦାବି ଉପସ୍ଥାପନ କରିଛନ୍ତି।

### ୨ ଅଭିଯୁକ୍ତ ଗିରଫ

**ତାଳଚେର,୧୧।୫(ନି.ପ୍ର.):** ଘରୁ ଚୋରି କରିବା ଅଭିଯୋଗରେ ତାଳଚେର ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତାଳଚେର ନୁହୁରା ସାହିର ତରଣୀ ବେହେରା ଓ ଭୈରୋସାହିର ଚିକୁ ଭୂତିଆ। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ନଂ. ୧୮୭/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଦୁଇ ଅଭିଯୁକ୍ତ ସୋମବାର ମଧ୍ୟରାତ୍ରିରେ ତ୍ରିଲୋଚନ ସାହୁଙ୍କ କୂଅରୁ ପାଣିପମ୍ପ, ଶୁଭମ ପାତ୍ରଙ୍କ ୨ଟି ମୋଟର ସାଇକେଲ ଭାଙ୍ଗି ୧୨ ଲିଟର ପେଟ୍ରୋଲ, ପ୍ରକାଶ ଚନ୍ଦ୍ର ରାଉତଙ୍କ ଗାଡି ଷ୍ଟେପିନ ଚୋରି କରିଥିଲେ। ଅଭିଯୋଗ ପାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସମସ୍ତ ଚୋରି ସାମଗ୍ରୀ ଜବତ କରିଛି।

### କୁଟେଇଶୁଣୀଙ୍କ ଅଷ୍ଟବରଣ ପର୍ବ



**ତାଳଚେର,୧୧।୫(ନି.ପ୍ର.):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପାର୍ଶ୍ୱଦେବୀ କୁଟେଇଶୁଣୀଙ୍କ ଅଷ୍ଟବରଣ ପର୍ବ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ମଧାହ୍ନ ୧୨ଟା ବେଳେ ଦେହୁରୀଙ୍କ ଘରୁ ମା' କୁଟେଇଶୁଣୀଙ୍କ ଚଳନ୍ତି ପ୍ରତିମା ଆଲମକୁ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ମୁଖ୍ୟ ପୂଜକ ହୃଦାନନ୍ଦ ଦେହୁରୀ, କିଶୋର ଚନ୍ଦ୍ର ଦେହୁରୀ ଓ ଟଙ୍କଧର ଦେହୁରୀ ବିଧି ମୁତାବକ ପୂଜା କରିଥିଲେ। ପରମ୍ପରା ଅନୁଯାୟୀ, ମା' ହିଙ୍ଗୁଳାଙ୍କ ଶୀତୁଳା ଯାତ୍ରାର ୮ଦିନ ପରେ ଏହି ଅଷ୍ଟବରଣ ପର୍ବ ଅନୁଷ୍ଠିତ ହୋଇଥାଏ। ଏହି ପୂଜାର ୨ ଦିନ ପରେ ଅନ୍ୟତମ ପାର୍ଶ୍ୱଦେବୀ ମା' କରଡେଇଙ୍କ ସ୍ୱତନ୍ତ୍ର ପୂଜା ହୋଇଥାଏ ବୋଲି ପୂଜକ କିଶୋର ଚନ୍ଦ୍ର ଦେହୁରୀ ପ୍ରକାଶ କରିଛନ୍ତି।

# ସେବାରେ ସନ୍ତୁଷ୍ଟ ନୁହନ୍ତି ସଂକ୍ରମିତ

**ଅନୁଗୋଳ ଅଫିସ, ୧୧।୫**
**(ଅମିତ କୁମାର ସାମଲ)**




- ତାଳଚେର କୋଭିଡ୍ ହସ୍ପିଟାଲରେ ମିଳୁନି ଉତ୍ତମ ଚିକିତ୍ସା
- ରୋଗୀଙ୍କ ତୁଳନାରେ ନାହାନ୍ତି ଆବଶ୍ୟକ ସଂଖ୍ୟକ ଡାକ୍ତର
- ଚିନ୍ତାରେ ପଡ଼ୁଛନ୍ତି ଆକ୍ରାନ୍ତ ବ୍ୟକ୍ତିଙ୍କ ପରିବାରବର୍ଗ

ଅନୁଗୋଳ ଜିଲାରେ କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ତାଳଚେରଠାରେ ଖୋଲାଯାଇଛି ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ। ଜିଲାର ଆକ୍ରାନ୍ତମାନଙ୍କୁ ଏଠାରେ ଉତ୍ତମ ସେବା ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଥିଲେ ମଧ ଏଥିରେ ବ୍ୟତିକ୍ରମ ଘଟୁଥିବା ଚର୍ଚ୍ଚା ହେଉଛି। ବିଶେଷକରି ରୋଗୀଙ୍କ ତୁଳନାରେ କମ୍ ସଂଖ୍ୟକ ଡାକ୍ତର ଓ ନର୍ସଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ବିଭିନ୍ନ ହସ୍ପିଟାଲରୁ ଏଠାକୁ ସଂକ୍ରମିତଙ୍କୁ ପଠାଯାଉଥିବା ବେଳେ ସେମାନେ ସେବାକୁ ନେଇ ସନ୍ତୁଷ୍ଟ ନ ଥିବା ଅଭିଯୋଗ ବଢ଼ିବାରେ ଲାଗିଛି।

ଗତବର୍ଷ କୋଭିଡ୍ ମୁକାବିଲା ବେଳେ ତାଳଚେରଠାରେ ଖୋଲାଯାଇଥିବା ସ୍ୱତନ୍ତ୍ର ହସ୍ପିଟାଲକୁନେଇ ନାନା ଆପତ୍ତିଅଭିଯୋଗ ଉଠିଥିଲା। ଚିକିତ୍ସାଠାରୁ ଆରମ୍ଭ କରି ଭିଟାମିନଯୁକ୍ତ ଖାଦ୍ୟ ଦେବାରେ ଘୋର ଅବହେଳା କରାଯାଉଥିବା ନେଇ ଅନେକ ସମୟରେ ଅସନ୍ତୋଷ ଦେଖାଦେଇଥିଲା। ତେବେ ପ୍ରଥମ ତୁଳନାରେ କରୋନାର ଦ୍ୱିତୀୟ ଲହର ଅଧିକ ଘାତକ ସାବ୍ୟସ୍ତ ହୋଇଥିବାରୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଏହାକୁ ନେଇ ରୋଗୀ ମହଲରେ ଭୟର ବାତାବରଣ ଥିବାବେଳେ ଏହି କୋଭିଡ୍ ହସ୍ପିଟାଲରୁ ଉତ୍ତମ ଚିକିତ୍ସା ଜିଲାବାସୀ ଆଶା କରୁଛନ୍ତି। କିନ୍ତୁ ଏଠାରେ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ପରଖିବାକୁ କେତେବେଳେ ଡାକ୍ତର ଆସୁନାହାନ୍ତି ତ ଆଉ କେତେବେଳେ ନର୍ସଙ୍କ ଦେଖାମିଳୁନାହିଁ। ଅନେକ ସମୟରେ ହସ୍ପିଟାଲ ଫାଟକ ସମ୍ମୁଖରେ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ବେଡ୍ ଖାଲି ନ ଥିବା କହି ମଧ କେତେଜଣ ଆକ୍ରାନ୍ତଙ୍କୁ ଫେରାଇ ଦିଆଯାଉଛି। ଏପରି କି ଚିକିତ୍ସାଧୀନ କୌଣସି ରୋଗୀଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାର ଲୋକଙ୍କୁ ଠିକ୍ ଭାବେ ଅବଗତ କରାଯାଉ ନାହିଁ। ସମ୍ପର୍କୀୟମାନେ ମେଡିକାଲ ଫାଟକ ନିକଟକୁ ଆସି ରୋଗୀଙ୍କ ସମ୍ପର୍କରେ ପଚାରିଲେ ଫଟୋ ଦେଖାଇ ମୃତ୍ୟୁ ହୋଇଯାଇଥିବା କୁହାଯାଉଛି। ସେହିପରି ରାତ୍ରିରେ ରୋଗୀଙ୍କ ପ୍ରତି ଅଧିକ ଅବହେଳା କରାଯାଉଛି। ମୋଟ୍ ୧୨୦ଟି ବେଡ୍ ମଧ୍ୟରୁ ୯୦ଟି ସାଧାରଣ, ୨୦ଟି ସେମି ଆଇସିୟୁ ଓ ୧୦ଟି ଆଇସିୟୁ ଶଯ୍ୟା ରହିଛି। ହେଲେ ସଂକ୍ରମିତଙ୍କ ଚିକିତ୍ସା ପାଇଁ ମାତ୍ର ୭ ଜଣ ଡାକ୍ତର ଓ ୨୬ ଜଣ ନର୍ସିଂ ଷ୍ଟାଫ ଅଛନ୍ତି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ପ୍ରତି ୧୦ ରୋଗୀଙ୍କ ପାଇଁ ଜଣେ ଡାକ୍ତର ଓ ପ୍ରତି ୩ ଜଣ ରୋଗୀଙ୍କ ପିଛା ଜଣେ ନର୍ସିଂ ଷ୍ଟାଫ ରହିବା କଥା। ମଙ୍ଗଳବାର ଏଠାରେ ୧୦୫ ଜଣ ରୋଗୀଙ୍କ ମଧ୍ୟରୁ ୮୮ ଜଣ ସାଧାରଣ ବେଡ୍‌ରେ ୮ଜଣ ସେମି ଆଇସିୟୁ ଓ ୯ଜଣ ଆଇସିୟୁରେ ଅଛନ୍ତି। କିନ୍ତୁ ସେହି ଅନୁଯାୟୀ ଡାକ୍ତର ଓ ନର୍ସ ନାହାନ୍ତି। ଫଳରେ ରୋଗୀମାନଙ୍କୁ ଠିକ୍ ଭାବେ ଚିକିତ୍ସା ମିଳିପାରୁ ନାହିଁ। ହସ୍ପିଟାଲ ଖୋଲିବା ପରଠାରୁ ମୋଟ ୨୦୧ ଜଣଙ୍କ ଚିକିତ୍ସା ହୋଇଥିବାବେଳେ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

#### ଅଭିଯୋଗ ମିଳିଲେ ତୁରନ୍ତ ଅବଗତ କରୁଛୁ



"ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ନିକଟରୁ କୋଭିଡ୍ ହସ୍ପିଟାଲର ସମସ୍ୟା ଜାଣିବା ପରେ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରୁଛୁ। ସମସ୍ୟା ଥିଲେ, ସମ୍ପୃକ୍ତ କର୍ତ୍ତୃପକ୍ଷ ଓ ହସ୍ପିଟାଲ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଉଛୁ। ଏଥିସହ ଏହାର ପୁନରାବୃତ୍ତି ନ କରିବାକୁ କୁହାଯାଉଛି। ଲୋକବଳ ବଢ଼ାଇବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।
-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

#### ସମସ୍ୟା ପ୍ରତି ଯତ୍ନବାନ ହେବୁ



"ମେଡିକାଲରେ ଏବେ ୧୧ ଜଣ ଡାକ୍ତର ରହିଛନ୍ତି। ଯଦି ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ସେଭଳି କିଛି ଅଭିଯୋଗ ଥିବ, ସେଥିପ୍ରତି ଯତ୍ନବାନ ହେବୁ। ଆଗକୁ ଯେଭଳି ଭାବେ କୌଣସି ଅଭିଯୋଗ ନ ଆସିବ ସେ ଦିଗରେ ଦୃଷ୍ଟି ଦେବୁ।
-ସୁଶାନ୍ତ ବିଶ୍ୱାଳ, କୋଭିଡ୍ ମେଡିକାଲ ପରିଚାଳକ

#### ଚିକିତ୍ସାରେ ଘୋର ଅବହେଳା ହେଉଛି



"ତାଳଚେର କୋଭିଡ୍ ହସ୍ପିଟାଲରେ ରୋଗୀଙ୍କ ପ୍ରତି ଘୋର ଅବହେଳା କରାଯାଉଛି। ପୁତୁରା ଗୁରୁତର ଥିଲେ ମଧ ମେଡିକାଲ ଭିତରକୁ ନେବା ବଦଳରେ ଗେଟ୍ ମୁହଁରେ ଅପେକ୍ଷା କରାଇଲେ। ଅକ୍ସିଜେନ୍ ଅଭାବରୁ ତା'ର ଜୀବନ ଚାଲିଗଲା। ସମସ୍ତଙ୍କୁ ଯେପରି ଉତ୍ତମ ଚିକିତ୍ସା ମିଳିବ ସେ ଦିଗରେ ସରକାର ଦୃଷ୍ଟି ଦିଅନ୍ତୁ।
-ସୁକାନ୍ତ କୁମାର ପ୍ରଧାନ, ମୃତକଙ୍କ ସମ୍ପର୍କୀୟ

#### ଲୋକଙ୍କ ବିଶ୍ୱାସ ଭାଙ୍ଗିଯାଉଛି



"କୋଭିଡ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସି ମୃତ୍ୟୁ ହେଲେ, ମେଡିକାଲ କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ଅବଗତ କରୁନାହାନ୍ତି। ଏହା ଅତ୍ୟନ୍ତ ହୃଦୟ ବିଦାରକ। ଡାକ୍ତରମାନେ ଦ୍ୱିତୀୟ ଈଶ୍ୱର ସାଜିଥିବାବେଳେ ଆକ୍ରାନ୍ତଙ୍କ ପାଇଁ ମେଡିକାଲ ମନ୍ଦିର ସଦୃଶ। କିନ୍ତୁ ଏଭଳି ଅବହେଳା ଲୋକଙ୍କ ବିଶ୍ୱାସ ଭାଙ୍ଗିଦେଉଛି।
-ଅଭୟ ରାୟ, ବୁଦ୍ଧିଜୀବୀ

## ପୁଅଙ୍କ ମୁଥ ମାଡ଼ରେ ମା' ମୃତ

**ଛେଣ୍ଡିପଦା,୧୧।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ନିଶା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। କିଛି ଟଙ୍କା ପାଇଁ ପୁଅଙ୍କ ମୁଥ ମାଡ଼ରେ ମା'ଙ୍କ ଜୀବନ ଯାଇଛି। ସୂଚନା ଅନୁଯାୟୀ, କିଛି ମାସ ତଳେ ଛେଣ୍ଡିପଦା-ଅନୁଗୋଳ ରାସ୍ତାରେ ଏକ କମ୍ପାନୀ ସମ୍ମୁଖରେ ଦୁର୍ଘଟଣାରେ ନିଶା ଗାଁର ନୀଳମଣି ପୃଷ୍ଟିଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ କମ୍ପାନୀ ଓ ପ୍ରଶାସନ ପକ୍ଷରୁ କିଛି ସହାୟତା ରାଶି ନୀଳମଣିଙ୍କ ସ୍ତ୍ରୀ ପ୍ରମୋଦିନୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିଲା। ତେବେ ଏହି ଟଙ୍କାକୁ ନେଇ ପ୍ରମୋଦିନୀଙ୍କ ପରିବାରରେ ସର୍ବଦା ଗଣ୍ଡଗୋଳ ଲାଗି ରହୁଥିଲା। ପୁଅ ଚନ୍ଦ୍ରମଣି ସବୁବେଳେ ମା'ଙ୍କୁ ଟଙ୍କା ମାଗିବା ସହ ଝଗଡା କରୁଥିଲେ। ୩ ଦିନ ତଳେ ଟଙ୍କା ପାଇଁ ଏପରି ଝଗଡା ବେଳେ ଉତ୍ତ୍ୟକ୍ତ ହୋଇ ଚନ୍ଦ୍ରମଣି ମା'ଙ୍କୁ ଏକ ମୁଥ ମାରିଥିଲେ। ଏଥିରେ ପ୍ରମୋଦିନୀଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା। ତୁରନ୍ତ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସୋମବାର ସନ୍ଧ୍ୟାରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରମୋଦିନୀଙ୍କ ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି। ଖବରପାଇ ନିଶା ଥାନା ଅଧିକାରୀ ପ୍ରୀତି ମଞ୍ଜରୀ ମେଣ୍ଡୁଲି ଜିଲା ମୁଖ୍ୟ ଚିକିତ୍ସାଳୟରୁ ମୃତଦେହ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ନିଶା ଥାନାରେ ନଂ. ୧୧୪/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଅଟକ ଚନ୍ଦ୍ରମଣିଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।



ଅନୁଗୋଳ ସହରରେ କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ପ୍ରବଳ ବର୍ଷିଛି। ଏହି ସମୟରେ ଦୁଇଜଣ ଛତା ଧରି ଯାଉଛନ୍ତି।

## ୫୨୮ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୧।୫**

ଅନୁଗୋଳ ଜିଲାରୁ ମଙ୍ଗଳବାର ୫୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୨୦ ହଜାର ୯୩୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ସର୍ବାଧିକ ୯୫ଜଣ, ଅନୁଗୋଳ ପୌରାଞ୍ଚଳରୁ ୯୨, କିଶୋରନଗର ବ୍ଲକରୁ ୭୯, ବଣ୍ଟରପାଳ ବ୍ଲକରୁ ୭୩, ଛେଣ୍ଡିପଦା ବ୍ଲକରୁ ୪୬, ତାଳଚେର ପୌରାଞ୍ଚଳରୁ ୪୦, କଣିହାଁ ବ୍ଲକରୁ ୩୩, ଆଠମଲ୍ଲିକ ବ୍ଲକରୁ ୨୬, ପାଲଲହଡ଼ା ବ୍ଲକରୁ ୨୨, ଆଠମଲ୍ଲିକ ଏନଏସିରୁ ୧୧ ଓ ଅନୁଗୋଳ ବ୍ଲକରୁ ୧୧ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୧୦୦ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୩୧୬ଜଣ ସଂକ୍ରମିତ କରୋନରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୭ ଜଣ କରୋନାରେ ମୃତ୍ୟୁମୁଖରେ ପଡିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଲକ୍‌ଡାଉନ୍‌ରେ ଚୋରା ମଦ କାରବାର

**ଅନୁଗୋଳ ଅଫିସ, ୧୧।୫**

ଅନୁଗୋଳ ସହର ହେଉ କିମ୍ବା ସହର ଉପକଣ୍ଠ, ଚାରିଆଡ଼େ ଚାଲିଛି ଚୋରା ମଦ ବ୍ୟବସାୟ। ଚଢ଼ା ଦରରେ ଓ ଖୁଲମ୍‌ଖୁଲା ଭାବେ ଚୋରା ବେପାରୀ ଏହି ବ୍ୟବସାୟ ଚଳାଇଛନ୍ତି। ବିଭିନ୍ନ ଆଡ଼ୁ ଏପରି ଅଭିଯୋଗ ଦୈନିକ ଆସୁଥିବାବେଳେ ମଙ୍ଗଳବାର ଅନୁଗୋଳ ସହରରୁ ଏପରି ଜଣେ ଚୋରା ବେପାରୀଙ୍କୁ ଅନୁଗୋଳ ପ୍ରଶାସନ ଓ ପୋଲିସର ମିଳିତ ଭାବେ ଚଢ଼ାଉ କରି ଗିରଫ କରିଛନ୍ତି। ତେବେ ଚଢ଼ାଉ ବେଳେ ଘଟଣାସ୍ଥଳରୁ ଅନ୍ୟଜଣେ ବେପାରୀ କୌଶଳକ୍ରମେ ଖସି ଚାଲିଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଥିବା ଏକ ହୋଟେଲରେ ଏହି ଚୋରା ମଦ କାରବାର ଚାଲିଥିଲା। ଏଥିରେ ହୋଟେଲ ମାଲିକ ନବଘନ ସାହୁଙ୍କ ସହ ଅନ୍ୟ ଜଣେ ପାନ ଦୋକାନୀ ସମ୍ପୃକ୍ତ ଥିଲେ। ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଆଶିଷ୍ଟାଣ୍ଟ କଲେକ୍ଟର ଦୋଳଗୋବିନ୍ଦ ସାହୁ, ସୁଶାନ୍ତ କୁମାର ମହାପାତ୍ର ଓ ଅନୁଗୋଳ ଥାନା ଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନ ଏହି ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ହୋଟେଲରେ ଥିବା ଫ୍ରିଜରରୁ ବିୟର ଓ ଶୋ କେସ୍ ଭିତରୁ ବିଦେଶୀ ମଦ ଜବତ ହୋଇଥିଲା। ସେହିଭଳି ଉକ୍ତ ହୋଟେଲ ସମ୍ମୁଖରେ ଥିବା ଏକ ପାନ ଦୋକାନୀଙ୍କ ସ୍କୁଟି ଡିକିରୁ ମଧ ବିପୁଳ ପରିମାଣରେ ବିଦେଶୀ ମଦ ଜବତ ହୋଇଥିଲା। ଏମାନେ ଗ୍ରହକଙ୍କଠାରୁ ଅଗ୍ରୀମ ଟଙ୍କା ରଖିବା ପରେ ଗାଡ଼ିରୁ ଓ ହୋଟେଲରୁ ମଦ ବାହାର କରି ଦେଉଥିଲେ। ମଦ ଚୋରା କାରବାର ହେଉଥିବା ନେଇ ପ୍ରଶାସନ ନିକଟରେ ଖବର ପହଞ୍ଚିବା ପରେ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ହୋଟେଲ ବ୍ୟବସାୟୀ ନବଘନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଦୁଇଟି ଦୋକାନକୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସିଲ୍ କରିଦିଆଯାଇଛି। ସେହିଭଳି ଗୋବିନ୍ଦପୁରରୁ ମଧ ବିପୁଳ ପରିମାଣରେ ବିୟର ଜବତ କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତଙ୍କୁ ଗିରଫ କରାଯାଇ ନ ଥିବା ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ମିଳିଛି।



ଗାଡ଼ି ଡିକିରେ ରଖାଯାଇଥିବା ମଦ।

## ଅସହାୟ ପରିବାରକୁ ସହାୟତା

**ଅନୁଗୋଳ ଅଫିସ, ୧୧।୫**

ଅନୁଗୋଳ ବଡ଼କନ୍ତକୁଳ ପଞ୍ଚାୟତ କରାବିରା ଖୋଲ ଗାଁର ସ୍ୱପ୍ନେଶ୍ୱର ବେହେରାଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହେବାପରେ ତାଙ୍କ ପରିବାର ଅସହାୟ ହୋଇପଡିଛି। ପରିବାରରେ ରୋଜଗାରକ୍ଷମ ବ୍ୟକ୍ତି କେହି ନ ଥିବାରୁ ସ୍ୱପ୍ନେଶ୍ୱରଙ୍କ ସ୍ତ୍ରୀ ଭାରତୀ ଛୋଟ ଛୋଟ ୨ ପିଲାଙ୍କୁ ନେଇ ଅତ୍ୟନ୍ତ ଦୁଃଖ କଷ୍ଟରେ ଚଳୁଛନ୍ତି। ଲକ୍‌ଡାଉନ ଯୋଗୁ ଭାରତୀଙ୍କ ପରିବାର ଅସୁବିଧାରେ ଥିବାରୁ 'ସାଥୀ ପରିବାର' ପକ୍ଷରୁ ତାଙ୍କୁ ୨ ମାସର ଅତ୍ୟାବଶ୍ୟକ ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ଭବିଷ୍ୟତରେ ଛୁଆମାନଙ୍କ ପାଠପଢା ସହ ଯଥା ସମ୍ଭବ ନିତିଦିନିଆ ଚଳଣିରେ ସହାୟତା କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ୨ ଗାଁ କଣ୍ଟେନ୍‌ମେଣ୍ଟ ଜୋନ

**ବଇଣ୍ଡା,୧୧।୫(ଡି.ଏନ.ଏ.)**

କିଶୋରନଗର ବ୍ଲକରେ କରୋନା ସଂକ୍ରମଣ ବଢ଼ିଚାଲିଛି। ନୁନୁକାପଶି ପଞ୍ଚାୟତରେ ଗୋଷ୍ଠୀ ସଂକ୍ରମଣ ବଢୁଥିବାବେଳେ ଏହାକୁ ରୋକିବା ପାଇଁ ମଙ୍ଗଳବାରଠାରୁ ଶରଧାମୁଣ୍ଡା ଓ ଆନନ୍ଦମୁଣ୍ଡା ଗ୍ରାମକୁ ସୋମବାର ପର୍ଯ୍ୟନ୍ତ ଶଟ୍‌ଡାଉନ କରାଯିବା ସହ କଣ୍ଟେନମେଣ୍ଟ ଜୋନ୍ ଭାବେ ପଞ୍ଚାୟତ ପକ୍ଷରୁ ଘୋଷଣା କରାଯାଇଛି। ଆନନ୍ଦମୁଣ୍ଡା ଗ୍ରାମରେ ୭ ଦିନ ମଧ୍ୟରେ ୫୮ଜଣ ପଜିଟିଭ୍ ବାହାରିଥିବା ବେଳେ ଶରଧାମୁଣ୍ଡା ଗ୍ରାମରେ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଶରଧାମୁଣ୍ଡା ଗ୍ରାମରୁ ଜଣଙ୍କର ମୃତ୍ୟୁ ହୋଇଥିବାରୁ ଭୟର ବାତାବରଣ ଦେଖାଯାଇଛି। ୨ଟି ଗ୍ରାମରେ ସଂକ୍ରମଣ ବଢୁଥିବାରୁ ସରପଞ୍ଚ ଜଳଧର ସାହୁ ଚିଠି ନମ୍ବର ୧୧, ତା ୧୧।୫।୨୦୨୧ରେ ଶଟ୍‌ଡାଉନ୍ ସମ୍ପର୍କରେ କିଶୋରନଗର ବିଡିଓଙ୍କୁ ଅବଗତ କରାଇଛନ୍ତି। ଚିଠିର ନକଲ ଆଠମଲ୍ଲିକ ଉପଜିଲାପାଳ, ଅନୁଗୋଳ ଜିଲାପାଳ, ଏସ୍‌ପିଙ୍କ ନିକଟକୁ ପଠାଯାଇଛି।



ଗାଁ ରାସ୍ତାରେ ବାଡ଼ ଦିଆଯାଇଛି।

# ୧୪ ଅକ୍ସିଜେନ ସିଲିଣ୍ଡର ଫେରାଇନେଲେ

**ଆଠମଲ୍ଲିକ,୧୧।୫(ଡି.ଏନ.ଏ.)**

**ଆଠମଲ୍ଲିକରେ କୋଭିଡ୍ ପରିଚାଳନା ଦିଗହରା**

ଆଠମଲ୍ଲିକ ଉପଖଣ୍ଡରେ କ୍ରମାଗତ ଭାବେ କରୋନା ସଂକ୍ରମଣ ବୃଦ୍ଧିପାଉଛି। ଏପରି କି ସଂକ୍ରମିତଙ୍କୁ କୋଭିଡ୍ ଡାକ୍ତରଖାନା ସ୍ଥାନାନ୍ତର କରାଯିବାକୁ ଆମ୍ବୁଲାନ୍ସ ପହଞ୍ଚିବାରେ ବହୁ ବିଳମ୍ବ ହେଉଛି। ସଙ୍ଗରୋଧରେ ଥିବା ଆକ୍ରାନ୍ତଙ୍କୁ ଔଷଧ ଠିକ୍ ସମୟରେ ମିଳୁ ନ ଥିବାବେଳେ ଉପଖଣ୍ଡର ବିଭିନ୍ନ ଡାକ୍ତରଖାନାରୁ ୧୪ଟି ଅକ୍ସିଜେନ ସିଲିଣ୍ଡରକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଭୟ କୁମାର ଦାଶ ଫେରାଇ ନେଇଛନ୍ତି। ସେହିପରି ଉପଖଣ୍ଡରେ ଟିକାଦାନ ବିଳମ୍ବିତ ହେଉଥିବାବେଳେ ଡାକ୍ତରଙ୍କ ବ୍ୟବହାର ପାଇଁ ଗ୍ଲୋଭ୍ସ ମଧ ଉପଲବ୍ଧ ହେଉନାହିଁ। ଫଳରେ ଉପଖଣ୍ଡ କୋଭିଡ୍ ପରିଚାଳନା ଦିଗହରା ହୋଇଯାଇଥିବା ଚର୍ଚ୍ଚା ଜୋର୍ ଧରିଛି।

ଆଠମଲ୍ଲିକ ଉପଖଣ୍ଡର କିଶୋରନଗର, ଆଠମଲ୍ଲିକ ବ୍ଲକ ଓ ଆଠମଲ୍ଲିକ ଏନ୍‌ଏସି ଅଞ୍ଚଳରେ ସଂକ୍ରମଣ ଏବେ ଉପରମୁହାଁ। ଏହି ଅଞ୍ଚଳରୁ ଏକାଧିକ ବ୍ୟକ୍ତି କରୋନା ସଂକ୍ରମଣରେ ମୃତ୍ୟୁମୁଖରେ ପଡ଼ିସାରିଲେଣି। ଏପରି ସ୍ଥିତିରେ ଉପଖଣ୍ଡରେ କୋଭିଡ୍ ପରିଚାଳନା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ବଦଳରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରୁ ୧୦ଟି, ମାଧପୁର ସିଏଚ୍‌ସିରୁ ୨ଟି ଓ କିଶୋରନଗର ସିଏଚ୍‌ସିରୁ ୨ଟି ଏଭଳି ମୋଟ୍ ୧୪ଟି ଅକ୍ସିଜେନ ଭର୍ତ୍ତି ସିଲିଣ୍ଡର ଫେରାଇ ନେଇଛନ୍ତି। ଉପଖଣ୍ଡ ପ୍ରଶାସନର ଅଜାଣତରେ ଅକ୍ସିଜେନ ସିଲିଣ୍ଡର ଫେରାଇ ନିଆଯିବା ଘଟଣାକୁ ଉପଜିଲାପାଳ ଲଳିତ ମୋହନ ବେହେରା ନାପସନ୍ଦ କରିଛନ୍ତି। ବର୍ତ୍ତମାନ ଆଠମଲ୍ଲିକ ଉପଖଣ୍ଡରେ କରୋନା ପରିସ୍ଥିତି ଭୟଙ୍କର ରୂପ ନେବାକୁ ବସିଛି। ଏଭଳି ସମୟରେ ଅକ୍ସିଜେନ ସିଲିଣ୍ଡର ସ୍ଥାନାନ୍ତର କରାଯିବାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଉପଜିଲାପାଳ ବେହେରା ଏ ନେଇ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି ଆଠମଲ୍ଲିକ ଉପଖଣ୍ଡକୁ କେତେ କରୋନା ଟିକା ଆସୁଛି, କେଉଁମାନଙ୍କୁ ଟିକା ପ୍ରଦାନ କରାଯିବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଲୋକମାନଙ୍କୁ ଆଗୁଆ ଦିଆଯାଉନାହିଁ। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁନୀଲ କୁମାର ପଣ୍ଡା କହିଛନ୍ତି, ଟିକା ଆସିନାହିଁ। ଆସିଲେ ଲୋକଙ୍କୁ ଦିଆଯିବ। ହେଲେ ସିଡିଏମଓ କହୁଛନ୍ତି, ଆଠମଲ୍ଲିକକୁ ଟିକା ଦିଆଯାଇଛି। ଅଧିକାରୀମାନଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ସାଧାରଣ ଲୋକେ ଆଶଙ୍କାରେ ପଡ଼ିଛନ୍ତି। କେବଳ ଏତିକି ନୁହେଁ, ଡାକ୍ତର, ନର୍ସ, ସୁଇପରମାନେ ବ୍ୟବହାର କରିବା ପାଇଁ ହାତ ଗ୍ଲୋଭ୍ସ ମଧ ଉପଖଣ୍ଡର ବିଭିନ୍ନ ଡାକ୍ତରଖାନାରେ ନ ଥିବା ଜଣାଯାଇଛି। ଡାକ୍ତରମାନେ ବାଧ ହୋଇ ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ଗ୍ଲୋଭ୍ସ ଔଷଧ ଦୋକାନରୁ କିଣି ଆଣିବାକୁ କହୁଛନ୍ତି । ଫଳରେ ରୋଗୀମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଠମଲ୍ଲିକ ଉପଖଣ୍ଡରେ କୋଭିଡ୍ ପରିଚାଳନା ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଭୟ କୁମାର ଦାସଙ୍କୁ ମୋବାଇଲ ନଂ. ୯୪୩୯୯୮୧୩୩୧ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ମତାମତ ମିଳିପାରି ନାହିଁ।



## ଟିକାକରଣ କେନ୍ଦ୍ରରୁ ଫେରୁଛନ୍ତି ଲୋକେ

**ତାଳଚେର,୧୧।୫(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେର ବ୍ଲକ ଅଞ୍ଚଳରେ କୋଭିଡ୍ ସଂକ୍ରମଣ ବଢ଼ିଚାଲିଛି। ବିଭିନ୍ନ ଶିଳ୍ପ ସଂସ୍ଥା ଏଠାରେ ଥିବାରୁ ଦୈନିକ ବହୁ ସଂଖ୍ୟକ କର୍ମଚାରୀ ଯାତାୟାତ କରୁଛନ୍ତି। ଫଳରେ ସଂକ୍ରମଣ ରୋକିହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ବ୍ଲକର ବିଭିନ୍ନ ଟିକାକରଣ କେନ୍ଦ୍ରରେ ୨ୟ ଡୋଜ୍ ଟିକା ନେବାକୁ ଲୋକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ହେଲେ ସେମାନଙ୍କ ମଧ୍ୟରୁ ବହୁ ଲୋକ ଟିକା ନ ପାଇ ଫେରିବାକୁ ବାଧ ହେଉଥିବାରୁ ଅସନ୍ତୋଷ ଦେଖାଦେଇଛି। ବ୍ଲକ ପକ୍ଷରୁ ୪/୫ ଗୋଟି ପଞ୍ଚାୟତ ପାଇଁ ଗୋଟିଏ ଟିକାକରଣ କେନ୍ଦ୍ର ଖୋଲାଯାଇଛି। ୧୫୦ ଟିକା ଆସୁଥିବା ବେଳେ ଶତାଧିକ ଲୋକ ସେଠାରେ ଭିଡ ଜମାଉଛନ୍ତି। ବ୍ଲକର ଟିକାକରଣ କେନ୍ଦ୍ରରେ ରାତି ୪ଟାରୁ ଲୋକମାନେ ଆସି ଲାଇନରେ ଠିଆ ହେଉଛନ୍ତି। ତଥାପି ଟିକା ମିଳୁନାହିଁ। ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଟିକାକରଣ କେନ୍ଦ୍ରରେ ଏପରି ଭିଡ ଗୋଷ୍ଠୀ ସଂକ୍ରମଣ କରିବାର ଆଶଙ୍କା ଦେଖାଦେଇଛି। ସେହିପରି ପୌର ପରିଷଦ ପକ୍ଷରୁ ଖୋଲା ଯାଇଥିବାକେନ୍ଦ୍ରରେ ଟିକାକରଣ ନେଇ ବ୍ୟାପକ ଅବ୍ୟବସ୍ଥା ଦେଖାଦେଉଥିବା ଅଭିଯୋଗ ହେଉଛି। ପ୍ରଶାସନ ଓ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

